ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିତ୍କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ।।

ସକାଳ

## ସୁସ୍ଥ ପରିବେଶ

ପରିବେଶର ସୁରକ୍ଷା ପାଇଁ ଆମେ ସମସ୍ତେ ଚିନ୍ତିତ । ବିଶ୍ୱବ୍ୟାପୀ ଉଦ୍‌ବିଗ୍ନତା । ଚାରିଆଡେ ଅଶାନ୍ତ ପରିବେଶ । ପୃଥିବୀ ମାତା କାନ୍ଦୁଛି । ଭଗବାନଙ୍କ ଏ ସୁନ୍ଦର, ଶାନ୍ତ ଓ ଉଦାର ସୃଷ୍ଟିକୁ ସ୍ୱାର୍ଥାନ୍ଧ ମଣିଷ ଆଜି ନିଜ ହାତରେ ଧ୍ୱଂସ କରି ଚାଲିଛି । ପରିବେଶ ଧ୍ୱଂସ ହେଲେ, ମଣିଷ ସମାଜ କେବଳ ନୁହେଁ, ସମଗ୍ର ଜୀବଜଗତର ସତ୍ତା ଏ ଧରାପୃଷ୍ଠରୁ ଲୋପ ପାଇଯିବ । ଏକ ସୁସ୍ଥ, ସୁନ୍ଦର ତଥା ସମୃଦ୍ଧଶାଳୀ ଜୀବଜଗତ ଗଠନ ପରିପ୍ରେକ୍ଷୀରେ ଏକ ପ୍ରଦୂଷଣମୁକ୍ତ ଓ ସୁନ୍ଦର ପରିବେଶର ଆବଶ୍ୟକତାକୁ ସମସ୍ତେ ଉପଲବ୍ଧି କରିବା ଉଚିତ । ପରିବେଶ ପ୍ରଦୂଷଣ ଆଜି ଗୋଟାଏ ଦେଶ ପାଇଁ ଉଦ୍‌ବିଗ୍ନର କାରଣ ନୁହଁ, ସମଗ୍ର ବିଶ୍ୱ ଏଥିପାଇଁ ଚିନ୍ତିତ । ମାଟି, ଜଳ, ବାୟୁ, ବୃକ୍ଷଲତା, ଜୀବଜନ୍ତୁ ପ୍ରଭୃତି ଆମର ପରିବେଶ । ଜଙ୍ଗଲ ଧ୍ୱଂସ, ମୃତ୍ତିକା କ୍ଷୟ, ଜଳବାୟୁ ପ୍ରଦୂଷଣ ଜୀବଜଗତ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରି ଚାଲିଛି । ବ୍ୟାପକ ଜନସଚେତନତା ସତ୍ତ୍ୱେ ମନୁଷ୍ୟ କିନ୍ତୁ ପ୍ରକୃତି ଓ ତା'ର ସୁନ୍ଦର ପରିବେଶକୁ ଧ୍ୱଂସ କରି ଚାଲିଛି । ଭାରତ ସରକାର ଜାତୀୟ ପରିବେଶ ସଚେତନତା ଅଭିଯାନ ମାଧ୍ୟମରେ ପ୍ରତିବର୍ଷ ସମଗ୍ର ଦେଶରେ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା, ଜଳ ସଂରକ୍ଷଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ସଂରକ୍ଷଣ ପ୍ରଭୃତି ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରିଛନ୍ତି । କୋଟିକୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେଉଛି । କିନ୍ତୁ ପରିବେଶ ପ୍ରଦୂଷଣ ଜନିତ ସମସ୍ୟାରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ । 'ଜଳ' ଜୀବନ ପାଇଁ ଅମୃତ । ତେଣୁ ଜଳର ଅନ୍ୟନାମ ଜୀବ । କିନ୍ତୁ ଜଳ ସଂପଦର ଅସଦୁପଯୋଗ ଯୋଗୁଁ ସମଗ୍ର ବିଶ୍ୱରେ ଏକ ଭୟଙ୍କର ବିପଦ ଦେଖା ଦେଇଛି । ଜଳ ପ୍ରଦୂଷଣ ଯୋଗୁଁ ବିଭିନ୍ନ ରୋଗ, ନାଳଝାଡା, ହଇଜା, ଟାଇଫଏଡ୍, କାମଳ ରୋଗ ଆଦି ବ୍ୟାପିଥାଏ । ତେଣୁ ଜଳ ପ୍ରଦୂଷଣର କାରଣ ଓ ନିରାକରଣ ସମ୍ପର୍କରେ ସମସ୍ତେ ସଚେତନ ହେବା ଉଚିତ । ବାୟୁ ସହିତ ମନୁଷ୍ୟର ସମ୍ପର୍କ ଜୀବନ ମରଣର ସମ୍ପର୍କ । ବାୟୁର ପ୍ରଦୂଷଣ ଜୀବଜଗତ ପାଇଁ କେତେ ବିପଦଜନକ ଆମେ ଜାଣିବା ଉଚିତ । ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ରୋଗ ଯଥା-ଶ୍ୱାସନାଳୀ ପ୍ରବାହ ରୋଗ, ଫୁସ୍‌ଫୁସ୍ କର୍କଟ ରୋଗ ଓ ଅନ୍ୟାନ୍ୟ ଫୁସ୍‌ଫୁସ୍ ରୋଗ ସୃଷ୍ଟି ହୋଇ ଲକ୍ଷ ଲକ୍ଷ ପ୍ରାଣୀ ପଙ୍ଗୁ ହୋଇ ପଡିଛନ୍ତି । ସୃଷ୍ଟି ପ୍ରାରମ୍ଭରୁ ଜୀବଜଗତ ସହିତ ଜଙ୍ଗଲର ସମ୍ପର୍କ ରହି ଆସିଛି । ଜଙ୍ଗଲ ବିନା ସୃଷ୍ଟିର ବିକାଶ ଅସମ୍ଭବ । ଜୀବମଣ୍ଡଳରେ ଉଭିଦ ଜଗତ ଦ୍ୱାରା ମାନବ ସମାଜ ବହୁଳ ଭାବରେ ଉପକୃତ ହେଉଛି । ବୃକ୍ଷ ଯେଉଁ ଅମ୍ଳଜାନ ଦେଇଛି, ତ'ଦ୍ୱାରା ଜୀବଜଗତ ବଞ୍ଚି ରହିଛି । ଜଙ୍ଗଲ ଧ୍ୱଂସ ହେଲେ ମଣିଷ ସମାଜର ଅସ୍ତିତ୍ୱ ଲୋପ ପାଇଯିବ । ପରିବେଶ ବିଜ୍ଞାନୀମାନେ ସତର୍କବାଣୀ ଶୁଣାଇ ସାରିଲେଣି ଯେ, ଏବେଠାରୁ ଜଙ୍ଗଲ ସଂପଦ ସୁରକ୍ଷା ନ କଲେ, ଆଗାମୀ ପଚାଶ ବର୍ଷରେ ଜଗତରୁ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଧ୍ୱଂସ ପାଇଯିବ । ଫଳରେ ଜୀବଜଗତ ଭୟଙ୍କର ବିପଦର ସମ୍ମୁଖୀନ ହେବ । ଏପରିକି ଏହା ସମ୍ପୂର୍ଣ୍ଣ ଲୋପ ପାଇଯିବା ବିଚିତ୍ର ନୁହଁ । ଜୀବଜଗତ ପ୍ରତି ଆଉ ଏକ ଭୟଙ୍କର ପରିବେଶଜନିତ ବିପଦ ଦେଖା ଦେଇଛି । ତାହା ହେଲା ଜୈବ ବିବିଧତାର କ୍ଷୟ । ଏହାର ସଂରକ୍ଷଣ ପାଇଁ ନିକଟ ବର୍ଷମାନଙ୍କରେ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ଜନସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ହିସାବ କରି ଦେଖାଯାଇଛି ଯେ, ଅତୀତରେ ପ୍ରାୟ ୧୯୦ ବର୍ଷରେ ଗୋଟିଏ ପ୍ରାଣୀ ବା ଉଦ୍ଭିଦ ଲୋପ ପାଉଥିଲା । ବର୍ତ୍ତମାନ କିନ୍ତୁ ଏହି ଧ୍ୱଂସ ଏବଂ ବିଲୁପ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି । ପ୍ରତି ତିନି ଘଣ୍ଟାରେ ଗୋଟିଏ ଜୀବିତ ପ୍ରାଣୀ ଧରାପୃଷ୍ଠରୁ ବିଲୁପ୍ତ ହେଉଛି । ଜଳବାୟୁ ପରିବର୍ତ୍ତନ ମଧ୍ୟ ସିଧାସଳଖ ପ୍ରଭାବ ପକାଇଛି ଜୈବ ବିବିଧତା ଉପରେ । ଏହା ଯୋଗୁଁ ବଣଜଙ୍ଗଲ ନଷ୍ଟ ହେଉଛି । ଏଥିରେ ଥିବା ବୃକ୍ଷଲତା, ଜୀବଜନ୍ତୁ ବିଲୋପ ହେବାରେ ଲାଗିଛି । ସଞ୍ଚାଣ, ଘର ଚଢ଼େଇ ଭଳି ବହୁ ପକ୍ଷୀ ଧରାପୃଷ୍ଠରୁ ହଜି ହଜି ଗଲେଣି । ମାଛଚାଷ, ଗୋପାଳନ, କୁକୁଡା ଚାଷ ପ୍ରତି ଘୋର ବିପଦ ସୃଷ୍ଟି ହୋଇଛି । ଆମ ଜୀବନ ଓ ଜୀବିକା ପାଇଁ ଜୈବ ବିବିଧତା ସଂରକ୍ଷଣ ଏକାନ୍ତ ଆବଶ୍ୟକ । ଜୀବଜନ୍ତୁ ସଂରକ୍ଷଣ ସହିତ ବୃକ୍ଷଲତା, ଜଙ୍ଗଲ ସଂରକ୍ଷଣ ପାଇଁ ଦୃଷ୍ଟି ଦେବାକୁ ହେବ । ପ୍ରକୃତିର ଭାରସାମ୍ୟ, ଜୈବ ବିବିଧତାର ସଂରକ୍ଷଣ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ, ବ୍ୟାପକ ବନୀକରଣ, ଅଭୟାରଣ୍ୟ ସଂରକ୍ଷଣ, ବିଦ୍ୟୁତ ଶକ୍ତିର ସୀମିତ ବ୍ୟବହାର, ଜଳ ସଂରକ୍ଷଣ, ପଲିଥିନ୍ ବ୍ୟବହାର ନ କରିବାକୁ ଜନ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ହେବ । ମନୁଷ୍ୟ ଆଜି ନିଜର ସାମାନ୍ୟ ସ୍ୱାର୍ଥ ପାଇଁ ପରିବେଶକୁ ଧ୍ୱଂସ କରି ଚାଲିଛି । ଜଙ୍ଗଲ ଧ୍ୱଂସ, ମୃତ୍ତିକା କ୍ଷୟ, ତାପ, ଶବ୍ଦ, ଜଳ, ବାୟୁକୁ ପ୍ରଦୂଷିତ କରୁଛି । ସେ ପରିବେଶକୁ କ୍ଷୟ କରି ମାନବ ସମାଜକୁ ମୃତ୍ୟୁ ଆଡକୁ ଟାଣି ନେଉଛି । ଆମର ପ୍ରାକୃତିକ ସଂପଦ ସୀମିତ । ତେଣୁ ତାକୁ ସୁରକ୍ଷା ଦେବା ପାଇଁ ଆମର ଚେଷ୍ଟା ଅବ୍ୟାହତ ରହିବା ଆବଶ୍ୟକ । ପ୍ରକୃତି ଓ ପରିବେଶ ମଧ୍ୟରେ ଏକ ଭାରସାମ୍ୟ ରଖିବା ପାଇଁ ବୃକ୍ଷଲତା, ପାହାଡ, ପାର୍ବତ, ଜଳ, ବାୟୁ ଓ ତାପ ପ୍ରଭୃତିର ସୁରକ୍ଷା ଅବଶ୍ୟମ୍ଭାବୀ । ଜଙ୍ଗଲ ସଂପଦର ସୁରକ୍ଷା ତଥା ବ୍ୟାପକ ବୃକ୍ଷରୋପଣ ପାଇଁ ଜନସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି । ମାଟି ମା', ପରିବେଶ-ପ୍ରକୃତି ମା', ବୃକ୍ଷଦେବତା, ଜଳ ଜୀବନ, ବାୟୁ ପ୍ରାଣ ସୁରକ୍ଷିତ ରହିଲେ ହିଁ ମାନବ ସଭ୍ୟତା ସୁରକ୍ଷିତ ରହିବ । ଅନ୍ୟଥା ଏହା ଅଚିରେ ଧରାପୃଷ୍ଠରୁ ଲୋପ ପାଇଯିବ ।

## ମାତ୍ରା ସମନାସ୍ତି

ଜ୍ଞାନ ପାଣ୍ଡିତ୍ୟ ଯୋଗୁଁ ଦରିଦ୍ର ହେଲେ ମଧ୍ୟ ମନୁଷ୍ୟ ସର୍ବତ୍ର ଶୋଭା ପାଇଥାନ୍ତି । ଉତ୍ତମ ସ୍ୱଭାବ ଯୋଗୁଁ କୁରୂପ ଅର୍ଥାତ୍ ରୂପହୀନ ବ୍ୟକ୍ତି ମଧ୍ୟ ସୁନ୍ଦର ଦେଖାଯାନ୍ତି । ଉଷ୍ଣତା ଯୋଗୁଁ ବା ଗରମ ହୋଇଥିଲେ କୁଭୋଜନ ମଧ୍ୟ ଉତ୍ତମ ଜଣାଯାଏ ଏବଂ ଚିରାଫଟା ପୋଷାକ ମଧ୍ୟ ଶୁଭ୍ରତା ଯୋଗୁଁ ଶୋଭା ପାଇଥାଏ । ''ଦରିଦ୍ରତା ଧୀର ତୟା ବିରାଜତେ କୁରୂପତାଶୀଳ ତୟା ବିରାଜତେ, କୁଭୋଜନଂ ଚୋଷ୍ଣତୟା ବିରାଜତେ କୁବସ୍ତ୍ରତା ଶୁଭ୍ରତୟା ବିରାଜତେ''। ଯେପରି ସୁବର୍ଣ୍ଣ ଚାରିଗୋଟି ପ୍ରକ୍ରିୟା ଦ୍ୱାରା ପରୀକ୍ଷା କରାଯାଇଥାଏ ଯଥା- ଘର୍ଷଣ, ଛେଦନ, ତାପ ପ୍ରୟୋଗ ଏବଂ ତାଡ଼ନ ସେହିପରି ମନୁଷ୍ୟ ମଧ୍ୟ ଚାରୋଟି ଜିନିଷ ଦ୍ୱାରା ପରୀକ୍ଷିତ ହୁଏ । ଯଥା- ପାଣ୍ଡିତ୍ୟ, କୁଳ, ଶୀଳ ଏବଂ କର୍ମ । '' ଯଥା ଚତୁର୍ଭିଃ କନକ ପରୀକ୍ଷ୍ୟତେ ନିଘର୍ଷଣଚ୍ଛେଦନ ତାପ ତାଡ଼ନୈଃ, ତଥା ଚତୁର୍ଭିଃ ପୁରୁଷଃ ପରୀକ୍ଷ୍ୟତେ ଶ୍ରୁତେନ ଶୀଳେନ କୁଳେନ କର୍ମଣା ।'' କୁଦେଶ ବା ଖରାପ ରାଜ୍ୟକୁ ଯାଇ କି ଅର୍ଥ ସଞ୍ଚୟ କରିବ? କୁପୁତ୍ର ପାଇ କି ତ୍ୟାଗ କରିବ ? ଜଳ ଅଞ୍ଜଳି ମଧ୍ୟ ମିଳିବ ନାହିଁ । ଖରାପ ଗୃହିଣୀ ପାଇ ଘରେ କି ସୁଖଲାଭ କରିବ ? ଖରାପ ଶିଷ୍ୟକୁ ପଢ଼ାଇ ଗୁରୁ କି ଯଶ ଅର୍ଜିବେ? ''କୁଦେଶ ମାସାଦ୍ୟ କୁତୋର୍ଥ ସଞ୍ଚୟଃ କୁପୁତ୍ର ମାସାଦ୍ୟ କୁତୋ ଜଳାଞ୍ଜଳିଃ, କୁମେହିନୀ ପ୍ରାପ୍ୟ ଗୃହେ କୁତ ସୁଖଂ କୁଶିଷ୍ୟ ମଧ୍ୟାପୟତ କୁତୋ ଯଶଃ ।'' ମାତାଙ୍କ ପରି ଶରୀର ପୋଷଣ କିଏ କରି ପାରେ ? ଚିନ୍ତା ତୁଲ୍ୟ ଶରୀରକୁ କିଏ ଶୋଷଣ କରିପାରେ ? ''ଭାର୍ଯ୍ୟା ସମ ନାସ୍ତି ଶରୀର ତୋଷଣଂ ବିଦ୍ୟା ସମନାସ୍ତି ଶରୀର ଭୂଷଣମ୍, ମାତ୍ରା ସମନାସ୍ତି ଶରୀର ପୋଷଣଂ ଚିନ୍ତା ସମ ନାସ୍ତି ଶରୀର ଶୋଷଣମ୍ ।'' ଭାର୍ଯ୍ୟା ପରି କିଏ ଶରୀର ତୋଷଣ କରିପାରେ? ବିଦ୍ୟାପରି କିଏ ଶରୀର ଭୂଷଣ କରିପାରେ ? ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ । ଗୁଣୀଲୋକ ହିଁ ଅନ୍ୟଜଣଙ୍କର ଗୁଣକୁ ଚିହ୍ନିପାରେ । ଗୁଣକୁ ଜାଣିପାରେ । ବଳବାନ୍ ଲୋକ ଅନ୍ୟଲୋକର ବଳ କଳନା କରିପାରେ ।

# ଧନ ସଞ୍ଚିବା କେଉଁଠି ?

ରାଧା ଚରଣ ନାୟକ

ବିଶ୍ୱ ବ୍ରହ୍ମାଣ୍ଡର ଜୀବଜଗତରେ ମନୁଷ୍ୟର ସ୍ଥାନ ସର୍ବଶ୍ରେଷ୍ଠ ଯେହେତୁ ତା' ପାଖରେ ଅଛି ଜ୍ଞାନର ଭଣ୍ଡାର, ଚିନ୍ତାର ସାଗର ଏବଂ ଦୟା, କ୍ଷମାର ସରୋବର । ପ୍ରତିଟି କାମକୁ ଟିକିନିଖି ବିଚାର କରି ସାରାଂଶ ବାହାର କରିବାର କ୍ଷମତା ଥାଏ କେବଳ ମନୁଷ୍ୟ ପାଖରେ । ତେଣୁ, ସେ ଅଟେ ଅସରନ୍ତି ଶକ୍ତିର ଅଧିକାରୀ ଏବଂ ଅମାପ ଜ୍ଞାନର ଦଣ୍ଡଧାରୀ । ତେଣୁ, ମନୁଷ୍ୟ ମାତୃଗର୍ଭରେ ସ୍ଥାନୀତ ହେବାଠାରୁ ସଂସାରରେ ଲୀଳାଖେଳା ସାରି ଜୁଇକୁ ଗଲାଯାଏ ପ୍ରତ୍ୟେକ ମୁହୂର୍ତ୍ତରେ ଆବଶ୍ୟକ କରିଥାଏ- ''ଧନ'' । ଧନ ବିନା ଜୀବନ ହୋଇପଡ଼େ ଦୁର୍ବିସହ, ଅଲୋଡା, ଅଦରକାରୀ ଏବଂ ମୂଲ୍ୟହୀନ । ଆଦିମ କାଳରେ ଧନର ଆବଶ୍ୟକ ଏତେ ପରିମାଣରେ ପରିଲକ୍ଷିତ ହେଉ ନଥିଲା କାରଣ, ମନୁଷ୍ୟର ଜୀବନଯାପନ ପ୍ରଣାଳୀ ପ୍ରଧାନତଃ ନିର୍ଭରଶୀଳ ହେଉଥିଲା ପ୍ରକୃତି ଉପରେ । କିନ୍ତୁ ଆଜିକାଲିର ଅତ୍ୟାଧୁନିକ ଯୁଗରେ ମନୁଷ୍ୟ ପ୍ରକୃତି ଠାରୁ ଦୂରେଇ ଯାଇ ବଞ୍ଚିବାର ଶୈଳୀକୁ ବଦଳାଇ ଦେଇଥିବାରୁ ଧନ(ଅର୍ଥ)ର ଆବଶ୍ୟକତା ବହୁଳ ଭାବରେ ଉପଲବ୍ଧ ହେଉଅଛି, ଯାହାର କାରଣ ମନୁଷ୍ୟ ମାନବିକତାଠାରୁ ଦୂରେଇ ଯାଇ କେବଳ ଧନ ସର୍ବସ୍ୱ ପାଲଟି ଯାଇଛି ଏବଂ ରାତାରାତି ଅମାପ, ଅକଳନା ଧନସଂଗ୍ରହ କରି ଅଶାନ୍ତି, ଅସୁବିଧା, ଅଝଟ, ଦୁଃଖ ଏବଂ ଦୁର୍ଦ୍ଦଶାକୁ ବରଣ କରି ବସିଛି, ଏହାର ସଦ୍ୟ ଉଦାହରଣ ହେଲା-ଅନୀତି ମାର୍ଗରେ ଅମାପ ଧନ ସଂଗ୍ରହ କରି ବିଦେଶୀ ବ୍ୟାଙ୍କରେ ଗଚ୍ଛିତ କରିବା, ଠକ ମିଛ ଗୁଡ଼ିଏ କହି କଳାଧନରେ ବିଳାସପୂର୍ଣ୍ଣ କୋଠାବାଡି ତିଆରି କରି ରାଜକୋଷ କରିବା, ଶହ ଶହ କୋଟି ଟଙ୍କା ସଂଗ୍ରହ କରି ଚଳଚ୍ଚିତ୍ର ଜଗତରେ ପାଦ ଥାପିବା, ରାଜନୀତି ଜଗତରେ ପ୍ରବେଶ କରି ରାଜନେତା ପାଲଟି ଯିବା, ଏପରିକି ବିଦେଶକୁ ପଳାୟନ କରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ନକରିବା ପାଇଁ ଆପ୍ରାଣ ଚେଷ୍ଟା କରିବା ଇତ୍ୟାଦି ଇତ୍ୟାଦି ।

କିନ୍ତୁ ମନୁଷ୍ୟ ବୁଝେ ନାହିଁ ଗଚ୍ଛିତ ଅମାପ ଧନ ତା'ର ମୃତ୍ୟୁ ପରେ ପାର୍ଥୀବ ଜଗତରେ ହିଁ ରହିଯାଏ । ତା' ସାଙ୍ଗରେ ଯାଏ ନାହିଁ ଧନ, କୋଠାବାଡି, ଗାଡ଼ିଘୋଡ଼ା କି ଆତ୍ମୀୟ ସ୍ୱଜନ । ତଥାପି ମନୁଷ୍ୟ ଲୋଭର ବଶବର୍ତ୍ତୀ ହୋଇ ସଂଗ୍ରହ କରିଚାଲେ ଧନର ଭଣ୍ଡାର ଏବଂ ଲାଗିପଡ଼େ ବିଭିନ୍ନ ସ୍ଥାନରେ ସୁରକ୍ଷିତ ଭାବେ ଗଚ୍ଛିତ କରିବାର ପ୍ରକ୍ରିୟାକୁ ସାକାର କରିବା ପାଇଁ । ତେଣୁ, ସରକାରୀ ସ୍ତରରେ ଗଚ୍ଛିତ କରିବା ପାଇଁ ଷ୍ଟେଟବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ବାଛି ନେଇଥିବା ବେଳେ ଅଳ୍ପ ସମୟରେ ଅଧିକ ଲାଭ ଓ ଲୋଭର ବଶବର୍ତ୍ତୀ ହୋଇ ବିଭିନ୍ନ ପ୍ରକାର ଚିଟ୍‌ଫଣ୍ଡ ଓ ଘରୋଇ ଆର୍ଥୀକ ସଂସ୍ଥାଗୁଡ଼ିକରେ ଟଙ୍କା ରଖି ଶେଷରେ ସର୍ବସ୍ୱାନ୍ତ ହେଲା ପରେ, ତାହା ପାଇବା ପାଇଁ ଖୋଜି ବୁଲନ୍ତି ଅଦାଲତ, ଯାହା ଦେଖିବାକୁ ମିଳିଥିଲା କେତୋଟି ପ୍ରଦେଶରେ ଏବଂ ଏହାର କର୍ମକର୍ତ୍ତାମାନେ ବର୍ତ୍ତମାନ କାରାଗାରରେ ଚାରିକାନ୍ଥ ମଧ୍ୟରେ ବନ୍ଦୀ ଜୀବନଯାପନ କରୁଛନ୍ତି । କିନ୍ତୁ, ବର୍ତ୍ତମାନ ଦେଖାଗଲାଣି, କେନ୍ଦ୍ର ସରକାରଙ୍କର ପ୍ରଧାନ କାର୍ଯ୍ୟସ୍ଥଳୀ ଭାବରେ ପରିଚିତ ଡାକଘରେ ଟଙ୍କା ଜମା ରଖିଲେ ମଧ୍ୟ ନକଲି ଏଜେଣ୍ଟମାନେ ଜମାକାରୀଙ୍କ ନିକଟରେ ଆତ୍ମବିଶ୍ୱାସ ଜାଗ୍ରତ କରି ଶେଷରେ ଜାଲ ଦସ୍ତଖତ ବଳରେ ସବ୍-ପୋଷ୍ଟମାଷ୍ଟରଙ୍କୁ ହାତକରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବାରେ ସଫଳ ହୋଇଛନ୍ତି, ଯାହା ଘଟିଯାଇଛି ହିଞ୍ଜିଳିକାଟୁ କଲେଜ ଛକରେ ଥିବା ସବ୍‌ପୋଷ୍ଟ ଅଫିସରେ । ଘଟଣାଟି ହେଲା ବନ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଏମଆଇଏସ ଓଆରଡି ପାସବୁକ୍‌ରୁ ଚଞ୍ଚକତା କରି ଉଠାଇନେବା ଘଟଣାର ତଦନ୍ତ କାଣିଚାଏ ହେଲେ ବି ଆଗେଇ ନାହିଁ । ଟଙ୍କା ହରାଇଥିବା ଅବସରପ୍ରାପ୍ତ କର୍ମଚାରୀ ଅଭିମନ୍ୟୁ ପାଣିଗ୍ରାହୀ ବର୍ତ୍ତମାନ ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି । ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି କୋର୍ଟ, ଥାନା, ଚାରିଆଡେ ଅଭିଯୋଗ କରିଥିଲେ ସୁଦ୍ଧା ତାହାର କୌଣସି ସୁଫଳ ମିଳି ନାହିଁ ।

ହିଞ୍ଜିଳିକାଟୁ ରେଗିଡ଼ି ସାହିର ଅଭିମନ୍ୟୁ ପ୍ରାଣିଗ୍ରାହୀ ଜଣେ ଏଜେଣ୍ଟଙ୍କ ଜରିଆରେ ହିଞ୍ଜିଳିକାଟୁ କଲେଜ ରୋଡ଼ସ୍ଥିତ ଉପ-ଡାକଘରେ ଆରଡ଼ି ଓ ଏମଆଇଏସରେ ଟଙ୍କା ସଞ୍ଚୟ କରିଥିଲେ । ସେ ୨୦୦୬ରୁ ୨୦୦୯ ମଧ୍ୟରେ ପ୍ରାୟ ୫ଲକ୍ଷ ୭୦ ହଜାର ଟଙ୍କା ଜମା କରିଥିଲେ । ତାଙ୍କ ପତ୍ନୀ ଜୟନ୍ତୀ ପାଣୀଗ୍ରାହୀଙ୍କ ନାମରେ ମଧ୍ୟ ଏହି ଆକାଉଣ୍ଟ ରହିଥିଲା ଜଏଣ୍ଟ ଆକାଉଣ୍ଟରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ତାଙ୍କର କଷ୍ଟୋପାର୍ଜିତ ଟଙ୍କା ଜମା ରଖି ଭବିଷ୍ୟତ ଗୁଜୁରାଣ ମେଣ୍ଟାଇବା ପାଇଁ ଲକ୍ଷ୍ୟ ରଖିଥିଲେ । ବର୍ଷ ୨୦୧୨ରେ ଅଭିମନ୍ୟୁ ଜାଣିବାକୁ ପାଇଥିଲେ ଯେ, ଆରଡ଼ି ଓ ଏମଆଇଏସ୍‌ର ସମୟ ସୀମା ସରିବା ପୂର୍ବରୁ କେହି ଜଣେ ସେହି ଆକାଉଣ୍ଟକୁ ବନ୍ଦ କରିଦେଇଥିଲା । ଏହା ସହିତ ୨୦୧୨ ମଇ ମାସରୁ ୨୦୧୩ ମଇ ମାସ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଜାଲ ଦସ୍ତଖତ ଜରିଆରେ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ । ଜୟନ୍ତ ପାଣିଗ୍ରାହୀ ଇଂରାଜୀରେ ଦସ୍ତଖତ ଦିଆଯାଇ ଟଙ୍କା ଉଠାଣ ହୋଇଥିବା ନେଇ ମଧ୍ୟ ଜଣାପଡ଼ିଥିଲା । ସେ ଏ ସମ୍ପର୍କରେ ଡାକ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଜଣାଇଥିଲେ । ଅଭିମନ୍ୟୁ ଯେଉଁ ଏଜେଣ୍ଟ ଜରିଆରେ ଆରଡି ଟଙ୍କା ରଖୁଥିଲେ, ସେ ହିଁ ଏହି ଟଙ୍କା ହଡପ କରିଥିବା ନେଇ ସନ୍ଦେହ ହୋଇଥିଲା । ଏହାପରେ ଅଭିମନ୍ୟୁ ସଂପୃକ୍ତ ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଧରାଛୁଆଁ ଦେଇନଥିଲେ । ଘଟଣା ସମ୍ପର୍କରେ ଡ଼ାକ ବିଭାଗ ଅଧିକାରୀମାନଙ୍କୁ ଜଣାଇଲେ ସୁଦ୍ଧା ଅଭିମନ୍ୟୁ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ପାଇନଥିଲେ । ଏହାପରେ ସେ ନିରାଶ ହୋଇ ହିଞ୍ଜିଳି ଜେଏମଏଫସିଙ୍କ କୋର୍ଟରେ ଓ୍ୱାନସିସି. ୪/୧୫ ନମ୍ବରରେ ମାମଲା ଦାଏର କରିଥିଲେ । ଏହି ମାମଲାର ଶୁଣାଣି କରି ହିଞ୍ଜିଳି ଜେଏମଏଫସି ପୋଲିସକୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିମନ୍ୟୁଙ୍କ ସ୍ତ୍ରୀ ମଧ୍ୟ ସେହି କୋର୍ଟରେ ଜିଆର ୧୮୯/୧୪ ନମ୍ବରରେ ମାମଲା ରୁଜୁ କରାଇଥିଲେ । ମାମଲା ରୁଜୁ ହେବାର ପ୍ରାୟ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଏ ଦିଗରେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ । ତେଣେ ଅଭିମନ୍ୟୁ ବାରମ୍ବାର ଥାନାକୁ ଦୌଡ଼ି କୌଣସି ସୁଫଳ ପାଇନାହାନ୍ତି । ତେଣୁ ଅଭିମନ୍ୟୁ ଏ ସମ୍ବନ୍ଧେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ ନିରାଶ ହୋଇ ବହୁକଷ୍ଟରେ ଜୀବନଯାପନ କରୁଛନ୍ତି ଏବଂ ଆବଶ୍ୟକ ହେଲେ ଡାକ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାର ନିଷ୍ପତ୍ତି ମଧ୍ୟ ଜଣାଇ ଦେଇଛନ୍ତି ।

ଏଥିରୁ ସ୍ପଷ୍ଟ ଅନୁମେୟ, ଡାକଘରେ ମଧ୍ୟ ଟଙ୍କା ଜମା କରି ଏହାର ସଠିକ୍ ତଦାରଖ ନକଲେ କିମ୍ବା ଏଜେଣ୍ଟଙ୍କୁ ଉପରେ ବିଶ୍ୱାସ ବା ଭରସା ରଖି କାରବାର କଲେ, ଦିନେ ନା ଦିନେ ସଞ୍ଚିତ ଅର୍ଥକୁ ହରାଇବାକୁ ପଡ଼ିଥାଏ । ଏଥିରେ ସନ୍ଦେହ ନାହିଁ ।

କିନ୍ତୁ ପାଠକେ ଜାଣିଥିବେ, ଧନ ଦୁଇ ପ୍ରକାର । ପ୍ରଥମଟି ହେଲା-ଭୌତିକ ବସ୍ତୁରେ ନିର୍ମିତ ଧନ, ଯାହା ବିଷୟରେ ଆମ୍ଭେ ପ୍ରାଞ୍ଜଳ ଭାବେ ଆଲୋଚନା କଲେ, ତାହା ହଜିଯାଏ, ଚୋରି ହୋଇଯାଏ, ନଷ୍ଟ ହୋଇଯାଏ । କିନ୍ତୁ ଏପରି ଏକ ଧନ ଅଛି, ଯାହାର ନାମ ହେଲା- ଆଧ୍ୟାତ୍ମିକ ଧନ, ତାହା କୌଣସି କାଳେ, କୌଣସି ପରିସ୍ଥିତିରେ ଏବଂ କୌଣସି ଲୋକ ଦ୍ୱାରା ନଷ୍ଟ କିମ୍ବା ଚୋରି ହୁଏ ନାହିଁ, ତାହା ଆଧ୍ୟାତ୍ମିକ/ଭଗବତ ଚିନ୍ତନ ଦ୍ୱାରା ପ୍ରାପ୍ତ ହୋଇଥାଏ ଏବଂ ସେହି ଗଚ୍ଛିତ ଅର୍ଥର ସୁରକ୍ଷା ପାଇଁ ସ୍ଥାନ, କାଳ ଓ ପାତ୍ରର ଆବଶ୍ୟକ ହୁଏ ନାହିଁ । କାରଣ, ମନ (ଆତ୍ମା) ହିଁ ଏହାର ସୁରକ୍ଷା ପାଇଁ ଯଥେଷ୍ଟ । ଭୌତିକ ଧନ ମନୁଷ୍ୟକୁ ଦୁଃଖ, କଷ୍ଟ ଯନ୍ତ୍ରଣା, ଅଶାନ୍ତି, ଅନିଦ୍ରା ଓ ଦୁଶ୍ଚିନ୍ତା ଦେଉଥିବା ବେଳେ ଆଧ୍ୟାତ୍ମିକ ମନୁଷ୍ୟକୁ ଶାନ୍ତି, ସୁଖ, ଆନନ୍ଦ ଓ ପରମାନନ୍ଦ ଦେଇଥାଏ । ଅତଏବ, ଅଶାନ୍ତି ରୂପକ ଧନ ପଛରେ ନ ଗୋଡାଇ ଶାନ୍ତି ରୂପକ ଧନ ପଛରେ ଗୋଡାଇଲେ ମନୁଷ୍ୟ ପାଇବ - ଆନନ୍ଦ ଏବଂ ଆତ୍ମା ପାଇବ- ପରମାତ୍ମାର ସାନ୍ନିଧ୍ୟ । ତେଣୁ ଚାଲନ୍ତୁ, ଆଧ୍ୟାତ୍ମିକ ଧନ ସଂଗ୍ରହ ପାଇଁ ଚେଷ୍ଟା କରି ଜୀବନକୁ ସାର୍ଥକ କରିବା ସଙ୍ଗେ ସଙ୍ଗେ ସମାଜକୁ ଠକାମୀ, ଧପାବାଜୀ, ଦୁର୍ନୀତି, କଳାବଜାରୀ, ଲାଞ୍ଚ, ମିଛ ଓ କୁକର୍ମକୁ ସବୁଦିନ ପାଇଁ ମୂଳାପ୍ତାଟନ କରିବା ।

# ସଙ୍ଗୀତର ବୈଶିଷ୍ଟ୍ୟ

ଗୀତାରାଣୀ ମିଶ୍ର

> **ସଙ୍ଗୀତ ସୃଷ୍ଟିକର୍ତ୍ତାଙ୍କର ଏପରି ଏକ ଅମୂଲ୍ୟ ସୃଷ୍ଟି ଯାହାର ଅନୁପମ ମାଧୁରୀକୁ ଶୁଣିଦେଲେ ମନୁଷ୍ୟ, ପଶୁପକ୍ଷୀ, ବୃକ୍ଷଲତା ସବୁରି ଶରୀରରେ ଏକ ଅପୂର୍ବ ଶିହରଣ ସୃଷ୍ଟି ହୁଏ । ସେଥିପାଇଁ ମଣିଷ ମାତ୍ରକେ ସଙ୍ଗୀତ ସହ ଉତ୍ତମ ରୂପେ ପରିଚିତ । ଶାସ୍ତ୍ର କହେ, 'ସଙ୍ଗୀତ ସାହିତ୍ୟ ରସାନଭିଜ୍ଞ, ସାକ୍ଷାତ ପଶୁପୁଚ୍ଛ ବିଷାଣହୀନଃ ।' ଅର୍ଥାତ୍ ସଙ୍ଗୀତ ଓ ସାହିତ୍ୟ ସମ୍ପର୍କରେ ଯାହାର ଜ୍ଞାନ ତଥା ଅଭିରୁଚି ନାହିଁ ସେ ମନୁଷ୍ୟ ପଦବାଚ୍ୟ ନୁହେଁ । ପୁଚ୍ଛ ବିଷାଣହୀନଃ ନରରୂପୀ ପଶୁ ଅଟେ ।**

ଇତିହାସ ପୃଷ୍ଠାକୁ ଆସିଲେ ଜାଣିବା କୃଷ୍ଣପ୍ରେମିକା ମୀରାବାଇ ଶ୍ରୀକୃଷ୍ଣଙ୍କର ଭଜନ ଗାନ କଲାବେଳେ 'ଦୋତାରା' ନାମକ ଏକ ସଙ୍ଗୀତଯନ୍ତ୍ର ବଜାଇ ଭାବବିହ୍ୱଳ ହୋଇଯାନ୍ତି । ଏଠାରେ କହି ରଖିବାକୁ ଚାହେଁ ବୀଣାର ୭ଗୋଟି ତାର, ତାନପୁରାରେ ୩ଗୋଟି ତାର ଥାଏ । ମାତ୍ର 'ଦୋତାରା' ଦ୍ୱି'ତାର ବିଶିଷ୍ଟ ଅଟେ, ଯାହାକୁ କେବଳ ମୀରାବାଇ ବାଦନ କରୁଥିଲେ । ଏମିତି ସଙ୍ଗୀତର ଚର୍ଚ୍ଚା କଲାବେଳେ ସମ୍ରାଟ ଆକବରଙ୍କର ରାଜସଭାର ବୈଜୁବାବରା ଓ ତାନ୍‌ସେନ୍‌ଙ୍କ ନାମ ଅତି ସହଜରେ ଆଖି ଆଗକୁ ଆସେ । ସୁରସମ୍ରାଟ ତାନ୍‌ସେନ୍‌ଙ୍କର 'ଦୀପକ' ରାଗ ଗାନ କଲାବେଳେ କୁଆଡ଼େ ଦୀପ ଜଳି ଉଠୁଥିଲା ଏବଂ 'ମେଘମହ୍ଲାର' ରାଗରେ ଆକାଶରୁ ବୃଷ୍ଟିପାତ ହେଉଥିଲା ବୋଲି ଆମର କିମ୍ବଦନ୍ତୀ କହେ । ଆହୁରି ମଧ୍ୟ ତାଙ୍କର ସ୍ୱରଲହରୀରେ ଏପରି କୁହୁକ ଥିଲା ଯେ ତା' ପ୍ରଭାବରେ ଗଛମାନଙ୍କରେ ସ୍ୱୟଂ ଋତୁରାଜ ବସନ୍ତଋତୁ ଶୋଭାମାନ ହୋଇ ବୃକ୍ଷଲତା ପୁଷ୍ପିତ ଓ ପଲ୍ଲବୀତ ହୋଇ ଉଠୁଥିଲେ । ଏ ସମସ୍ତ କଥାକୁ ପୁଙ୍ଖାନୁପୁଙ୍ଖ ଭାବେ ବିଚାର କଲେ ଆମେ ନିଶ୍ଚିତ ଭାବରେ ମାନିନେବା ଯେ, ପ୍ରକୃତରେ ସଙ୍ଗୀତ ଏକ ଦୈବୀ କଳା ଓ ଏହା ଈଶ୍ୱରଙ୍କର ଅମୂଲ୍ୟ ବରଦାନ ଅଟେ ।

ଏବେ ଆଧୁନିକ ଚିକିତ୍ସାବିଜ୍ଞାନୀମାନେ ହୃଦ୍‌ରୋଗର ନିରାକରଣ ପାଇଁ ସଙ୍ଗୀତକୁ ଏକ ମାଧ୍ୟମ ରୂପେ ସ୍ୱୀକୃତି ପ୍ରଦାନ କରିଛନ୍ତି । କେବଳ ହୃଦ୍‌ରୋଗ ନୁହେଁ ବିଭିନ୍ନ ମାନସିକ ରୋଗ, ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ରୋଗର ନିରାକରଣ ପାଇଁ ଏହା ଏକ ଅମୋଘ ପ୍ରୟୋଗ ମଧ୍ୟ ଅଟେ । କାରଣ ଧୀର ସଙ୍ଗୀତ ନିୟମିତ ଭାବରେ ସ୍ୱଳ୍ପ ସମୟ ପାଇଁ ଶୁଣିଲେ ମଧ୍ୟ ମନରୁ ବିଷାଦ, ଅବସାଦ ସବୁ କିଛି ହଟିଯାଇ ହୃଦୟରେ ଅଖଣ୍ଡ ଶାନ୍ତି ବିରାଜମାନ କରେ । କୁହାଯାଏ, ଏକଛତ୍ରବାଦୀ ମୁସୋଲିନୀ ଅନିଦ୍ରା ରୋଗରେ ପୀଡିତ ଥିବାରୁ ସେ ବିଶ୍ୱାସ ନକଲେ ମଧ୍ୟ ପଣ୍ଡିତ ଓଁକାର ନାଥ ଠାକୁରଙ୍କର ଶିଷ୍ୟମାନେ ଥରେ ତାଙ୍କୁ ବୁଝାଇ ସୁଝାଇ ସଙ୍ଗୀତ ଚିକିତ୍ସା ଦ୍ୱାରା ଏହାର ଉପଚାର କରାଇ ପାରିଥିଲେ, ଯଦ୍ୱାରା ମୁସୋଲିନୀଙ୍କର ଅନିଦ୍ରା ରୋଗ ଦୂର ହୋଇ ପାରିଥିଲା ।

ଯେମିତି ଜନନୀର ନାନାବାୟା ଗୀତ ଶିଶୁର କାନ୍ଦ ବନ୍ଦ କରିଦେଇ ପାରେ, ସେମିତି ସଙ୍ଗୀତର ଅଲୌକିକ ଶକ୍ତି ମନକୁ ଉତ୍ତେଜନା ମୁକ୍ତ କରିପାରିଥାଏ । ଏହାର କାରଣ ଉପରେ ୧୯୮୫ରେ 'ଜେନରାଲ୍ ଅଫ୍ ମ୍ୟୁଜିକ୍ ଥେରାପି' ଉପରେ ଗବେଷଣା କରୁଥିବା ଗବେଷକ ମାର୍କ ରାଇଜର ଓ ଫ୍ଲାୟଟ୍ ଲେଖନ୍ତି, 'ସଙ୍ଗୀତ ଉତ୍ତେଜନା ପାଇଁ ଦାୟୀ ହର୍‌ମୋନ୍ କର୍ଟିସୋଲର୍ ମାତ୍ରାକୁ କମ୍ କରିଥାଏ, ଯଦ୍ୱାରା ଶରୀର ଉତ୍ତେଜନାମୁକ୍ତ ଓ ଶାନ୍ତ ହୋଇଥାଏ ।'

ଭାରତୀୟ ସଙ୍ଗୀତ ବିବିଧ ରୋଗର ଶମନ କରିଥାଏ । କାରଣ ଏହା ସପ୍ତସ୍ୱର (ସା, ରେ, ଗା, ମା, ପା, ଧା, ନି)ର ଆଧାର ବିଶିଷ୍ଟ ଅଟେ । ତେଣୁ ଅତୀତରେ ବହୁ ରାଗରାଗିଣୀ ଆଧାରିତ ଆମ ସଙ୍ଗୀତର ବିବିଧ ରାଗ ନାନାପ୍ରକାର ରୋଗ ଦୂର କରିବା ପାଇଁ ପ୍ରୟୋଗ କରାଯାଇଥାଏ । ଜ୍ୱର ରୋଗ ଦୂର କରିବା ପାଇଁ 'ମାଲକୌସ' ରାଗ, ଚର୍ମରୋଗ ଠିକ୍ କରିବା ପାଇଁ 'ଦେସ ଏବଂ ମହ୍ଲାର' ରାଗ, ଏସିଡିଟି ପାଇଁ 'କଳାବତୀ' ରାଗ, ମଧୁମେହର ଉପଚାର ନିମିତ୍ତ 'ଜୟବନ୍ତୀ' ଏବଂ 'ଜୌନପୁରୀ' ରାଗ, ମାନସିକ ଉତ୍ତେଜନା ଦୂର ପାଇଁ 'ଲଳିତ ଏବଂ ନନ୍ଦ' ରାଗ, ବିଚଳନ ଦୂର ପାଇଁ 'ଅହୀର-ଭୈରବ' ରାଗ, ହୃଦ୍‌ରୋଗ ଉପଚାର ପାଇଁ 'ଭୈରବୀ ଓ ଶିବରଞ୍ଜନୀ' ରାଗ, ଆସ୍ଥମାର ଉପଚାର ପାଇଁ 'ରାଗ୍ ୟମନ୍', ନେତ୍ରରୋଗ ଉପଚାର ପାଇଁ 'ବସନ୍ତବହାର', ଅସ୍ଥିରତା ୧ଓ କ୍ରୋଧ ସମନ ପାଇଁ 'ମହ୍ଲାର', ଶ୍ୱାସ ସମ୍ବନ୍ଧୀୟ ଅସୁବିଧା କାଶ, ଆଜ୍‌ମା, ଯକ୍ଷ୍ମା ଇତ୍ୟାଦିରେ 'ଭୈରବ' ରାଗ, ରକ୍ତ ଅଶୁଦ୍ଧିର ପରିସ୍ଥିତିରେ 'ରାଗ ଅସ୍ତାବରୀ', 'ମେଦା', ସେହିପରି ଯକୃତ୍, ପ୍ଲୀହା ବୃଦ୍ଧିରେ 'ରାଗ ହିଡୋଲ୍' ଇତ୍ୟାଦିର ପ୍ରୟୋଗ କରାଯାଉଥିଲା ।

ଏବେ ନୂତନ ଗବେଷଣା ଅନୁସାରେ 'ଭୂପାଳୀ ଓ ମାରଓ୍ୱା' ରାଗ ଦ୍ୱାରା ଅନ୍ତ୍ରରୋଗଗୁଡ଼ିକର ଲାଭ ମିଳିଥାଏ । ସେହିପରି 'ରାମକଲୀ', 'ସାରଙ୍ଗ', 'ମୁଲତାନୀ' ରାଗ ଦ୍ୱାରା କ୍ଷୟ ରୋଗ ଦୂର ହୁଏ ଏବଂ 'ବସନ୍ତ' ଓ 'ସୋରଠୀ' ରାଗ ଦ୍ୱାରା ନପୁଂସକତା ରୋଗ ଦୂର ହେବା ସହ 'ଆଶାବରୀ' ରାଗ ଗାୟନ ଦ୍ୱାରା ମୁଣ୍ଡର ରୋଗ ଦୂର ହୋଇପାରେ । ଦୈନନ୍ଦିନ ଜୀବନରେ ପୂଜା, ପ୍ରାର୍ଥନା ଆଦି ମାଧ୍ୟମ ଆକାରରେ ସଙ୍ଗୀତ ଯୋଡ଼ି ହୋଇ ଯାଇଥାଏ । ତେଣୁ ଏହା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । କୁହାଯାଏ, ସୁଗମ ଓ ଶାସ୍ତ୍ରୀୟ ସଙ୍ଗୀତ ଦ୍ୱାରା ମନରୁ ମାନସିକ, ଭାବନାତ୍ମକ ବିକାର ଦୂର ହୋଇପାରିଥାଏ ।

ନାନା ଗବେଷଣାଗତ ତଥ୍ୟରୁ ଜଣାପଡ଼େ, ପ୍ରାୟତଃ ଉନ୍ନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ୟୁରୋପ ମହାଦେଶରେ ସଙ୍ଗୀତ ଦ୍ୱାରା ରୋଗ ଉପଚାରର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୧୯୨୬ ସାଲ୍‌ରେ ଆମ ଦେଶରେ ଟେନ୍‌ସନ୍ ଓ ଡିପ୍ରେସନ୍ ଭଳି ସାଂଘାତିକ ରୋଗର ଉପଚାର ପାଇଁ ମ୍ୟୁଜିକ୍ ଥେରାପିର ସାହାଯ୍ୟ ନିଆଗଲା । ପ୍ରକୃତରେ କହିବାକୁ ଗଲେ ସଙ୍ଗୀତକୁ ଶ୍ରୋତା ହିଁ ଜୀବନ୍ତ କରିଥାନ୍ତି । କାରଣ, ଏହା ଏକ ସୃଜନାତ୍ମକ ପ୍ରକୃତି ଅଟେ । ଯାହା ହୃଦୟକୁ ପରମାତ୍ମାଙ୍କ ସହ ଯୋଡ଼ିଥାଏ ।

ତେଣୁ ବ୍ରେନ୍ ସ୍କାନ୍ ଦ୍ୱାରା ମେରୁଦଣ୍ଡର ହାଡ଼ ମଧ୍ୟରେ ସଙ୍ଗୀତ କମ୍ପନ ସୃଷ୍ଟି କରିବା କଥା ଏବେ ଲୋକଲୋଚନକୁ ଆସିଛି । ଏପରିକି ପ୍ରସୂତି ଓ ସର୍ଜରୀ ପୀଡ଼ା କମ୍ କରାଯିବା ନିମନ୍ତେ ତଥା ସ୍ମୃତିକୁ ତାଜା ରଖିବା ସକାଶେ ସଙ୍ଗୀତର ଉପଯୋଗ କରାଯାଏ । ବିଶେଷକରି ଆମର ହିନ୍ଦୁ ଦେବାଦେବୀଙ୍କର ମନ୍ତ୍ର, ସ୍ତୁତି, ଚାଳିଶା ପାଠର ଉପଯୁକ୍ତ ଉଚ୍ଚାରଣ ଦ୍ୱାରା ଭଗବତ୍ କୃପା ନିଶ୍ଚିତ ପ୍ରାପ୍ତ ହୋଇଥାଏ ବୋଲି ଏ ଲେଖିକାର ମତ । ତେଣୁ ସୁଧୀ ପାଠକେ ! ଏହାର ଉପଯୁକ୍ତ ପ୍ରୟୋଗ କରି ନିଜର ଅନ୍ତର୍ନିହିତ ସୁପ୍ତ ଶକ୍ତିଗୁଡ଼ିକୁ ଜୀବନ୍ତ କରାଇ ଭଗବତ୍ କୃପା ଲାଭ କରନ୍ତୁ । କାରଣ ଏହାର ପ୍ରୟୋଗ ବିଜ୍ଞାନସମ୍ମତ ବୋଲି ବହୁ ବୁଦ୍ଧିଜୀବୀଙ୍କର ମତ । ଉଦାହରଣ ସ୍ୱରୁପ 'ଦି ହିଲିଙ୍ଗ୍ ଫୋର୍ସ ଅଫ୍ ମ୍ୟୁଜିକ୍'ର ଲେଖକ ଆର୍ ମ୍ୟାକ୍‌ଲିନ୍ ଦାବି କରନ୍ତି ଯେ, ଭାରତୀୟ ସଙ୍ଗୀତ ଦିବ୍ୟ ଔଷଧିର କାମ କରି ତନୁ, ମନ ଓ ମସ୍ତିଷ୍କରେ ଜାଗୃତି ଭରି ଦେଇଥାଏ । ସମ୍ଭବତଃ ଅତୀତରେ ଏହି ଚିନ୍ତାର ଆଧାରରେ ପ୍ରାଚୀନ ଭାରତର ଦିଗ୍‌ଦ୍ରଷ୍ଟା(ମନୁ) ମନ୍ତ୍ରଶାସ୍ତ୍ରୀମାନେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ଅନେକ ମହାନ୍ ମନ୍ତ୍ର ରଚନା କରି ସେହି ମନ୍ତ୍ରମାନଙ୍କର ଅଲୌକିକ ଶକ୍ତି ଜାଗ୍ରତ କରି ନିଜ ପାଖରେ ଠୁଳ କରି ରଖୁଥିଲେ ।

ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ସଙ୍ଗୀତର ଏକ ରୂପ ହେଉଛି 'ମନ୍ତ୍ର' । ସଙ୍ଗୀତ ହେଉଛି ଶୁକ୍ର ମହାଗ୍ରହଙ୍କର ମାନବ ସମାଜକୁ ଏକ ଅମୂଲ୍ୟ ଦାନ ଓ ଆଶୀର୍ବାଦ ସ୍ୱରୂପ ସଂପଦ ଅଟେ । ତେଣୁ ପ୍ରତ୍ୟେକେ ସବୁଦିନ କିଛି ନା କିଛି ଭଲ ଗୀତ ଶୁଣନ୍ତୁ ।

ସଙ୍ଗୀତ ସୃଷ୍ଟିକର୍ତ୍ତାଙ୍କର ଏପରି ଏକ ଅମୂଲ୍ୟ ସୃଷ୍ଟି ଯାହାର ଅନୁପମ ମାଧୁରୀକୁ ଶୁଣିଦେଲେ ମନୁଷ୍ୟ, ପଶୁପକ୍ଷୀ, ବୃକ୍ଷଲତା ସବୁରି ଶରୀରରେ ଏକ ଅପୂର୍ବ ଶିହରଣ ସୃଷ୍ଟି ହୁଏ । ସେଥିପାଇଁ ମଣିଷ ମାତ୍ରକେ ସଙ୍ଗୀତ ସହ ଉତ୍ତମ ରୂପେ ପରିଚିତ । ଶାସ୍ତ୍ର କହେ, 'ସଙ୍ଗୀତ ସାହିତ୍ୟ ରସାନଭିଜ୍ଞ, ସାକ୍ଷାତ ପଶୁପୁଚ୍ଛ ବିଷାଣହୀନଃ ।' ଅର୍ଥାତ୍ ସଙ୍ଗୀତ ଓ ସାହିତ୍ୟ ସମ୍ପର୍କରେ ଯାହାର ଜ୍ଞାନ ତଥା ଅଭିରୁଚି ନାହିଁ ସେ ମନୁଷ୍ୟ ପଦବାଚ୍ୟ ନୁହେଁ । ପୁଚ୍ଛ ବିଷାଣହୀନଃ ନରରୂପୀ ପଶୁ ଅଟେ । କଳା ସଂସ୍କୃତିର ରାଜ୍ୟ ଓଡ଼ିଶା ମାଟିର ବହୁ ପୁରାତନ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, କୀର୍ତ୍ତନ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଏକ ଆଲୋକଦାୟୀ ମାଇଲ ଖୁଣ୍ଟ ଅଟେ । କହିବାକୁ ଗଲେ, ସଙ୍ଗୀତର ଅପୂର୍ବ ମୂର୍ଚ୍ଛନା ହେତୁ ଏହି ବିଭାଗଗୁଡ଼ିକ ଓଡ଼ିଆ ସାହିତ୍ୟର ପ୍ରାଣସ୍ପନ୍ଦ ସ୍ପନ୍ଦନ ଅଟନ୍ତି । ଏ ପରିପ୍ରେକ୍ଷୀରେ କବିବର ରାଧାନାଥ ରାୟ କବିସୂର୍ଯ୍ୟ ବଳଦେବ ରଥଙ୍କର 'କିଶୋର ଚନ୍ଦ୍ରାନନ ଚମ୍ପୂ'ରେ ମୁଗ୍ଧ ହୋଇ ଏକଦା କହିଥିଲେ, 'ଭାବାନ୍ତର ପୁଣି କ୍ଷଣେ କରେ ଜାତ, ଗଲାଣି ତ କଥା ଗଲାରେ ସଙ୍ଗାତ, ସଙ୍ଗୀତ ଆବେଗେ ନାନା ରୂପେ ମନ, ଅତିନ୍ଦ୍ରୀୟ ଦେଶେ କରେ ବିଚରଣ ।' ସଂସ୍କୃତରେ ମଧ୍ୟ 'ଶିଶୁ ର୍ବେତ୍ତି ପଶୁର୍ବେତ୍ତି, ବେର୍ତ୍ତି ଗୀତରସଂ ଫେଣୀ' ବୋଲି ଉକ୍ତିଟିଏ ଅଛି ।

କୁହାଯାଏ, ସ୍ୱର ସଙ୍ଗୀତର ପ୍ରଭାବରେ ଆମର ବୃକ୍ଷ ବନସ୍ପତି ମଧ୍ୟ ଆକୃଷ୍ଟ । କାରଣ ସେମାନଙ୍କର ମଧ୍ୟ ଜୀବନ ଅଛି । ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ତାଙ୍କ ଗବେଷଣା ସନ୍ଦର୍ଭରେ ଲେଖିଛନ୍ତି, ଯେଉଁଠାରେ ଶଙ୍ଖ, ଘଣ୍ଟ ଓ ଦିବ୍ୟ ମନ୍ତ୍ରର ଉଚ୍ଚାରଣ ହୋଇଥାଏ, ସେଠାରେ ତୁଳସୀ ଆଦି ଦେବ ବୃକ୍ଷ ସହ ପାଖରେ ଥିବା ଅନ୍ୟାନ୍ୟ ବୃକ୍ଷ ମଧ୍ୟ ପରିପୃଷ୍ଟ ହୋଇଥାନ୍ତି । ଶ୍ରୁତିମଧୁର ଓ ହାଲୁକା ସଙ୍ଗୀତରେ ଚାରାଗଛମାନଙ୍କରେ ସକରାତ୍ମକ ଅଭିବୃଦ୍ଧି ଲକ୍ଷ୍ୟ କରାଯାଏ । ଏମିତି ଅନେକ ଉଦାହରଣ ଅଛି ବର୍ଣ୍ଣନା କରିବା ଏଠାରେ ସମ୍ଭବ ନୁହେଁ । ତଥାପି ଏକଥା ସ୍ପଷ୍ଟ ଯେ, ବୃକ୍ଷଲତାମାନେ ମଧ୍ୟ ସଙ୍ଗୀତପ୍ରେମୀ ହୋଇଥାନ୍ତି ଏବଂ ନିଜନିଜ ମଧ୍ୟରେ ବାର୍ତ୍ତାଳାପ କରିଥାନ୍ତି ।

ଆଜି ସୁରସାମ୍ରାଜ୍ଞୀ ଲତା ମଙ୍ଗେସ୍‌କର ''ୟେ ମେରେ ଓ୍ୱତନ୍ କେ ଲୋଗୋଁ'' ଗାଇଥିବା ଗୀତଟି ସହସ୍ରାଧିକ ସଙ୍ଗୀତ ପ୍ରେମୀଙ୍କର ମନରେ ଦେଶପ୍ରେମ ଭାବର ଧାରା ଜଗାଏ । ମହମ୍ମଦ ରଫିଙ୍କର 'ଏ ଦୁନିଁଆ କେ ରଖିବାଲେ' ଗୀତଟିରେ ମଣିଷ ମନର କରୁଣ ଭକ୍ତି ନିବେଦନ ଭାବ ଫୁଟିଉଠେ । ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ସୁନନ୍ଦା ପଟ୍ଟନାୟକଙ୍କ 'ଜୀବନ ମାତ୍ର ଭରିଦିଅ ମୋର' ଜଣାଣଟି ଆଖପାଖ ପରିବେଶକୁ ସ୍ନିଗ୍ଧ, ଶାନ୍ତ ଓ ଗାମ୍ଭୀର୍ଯ୍ୟମୟ କରିଦିଏ । ଗାୟକେ ମାନ୍ନା ଦେ'ଙ୍କ କଣ୍ଠର ଆମ ଓଡ଼ିଆ ସିନେମା ଗୀତ 'ଗେଲବସରର ଦିନ ସରିଗଲା' ସ୍ନେହଶୀଳ ପିତାଙ୍କ ହୃଦୟରେ ନିଜ ଅଲିଅଳ ଝିଅ ପ୍ରତି ଥିବା ମରମର ବ୍ୟଥାକୁ ଅଚିରେ ଫୁଟାଇ ପାରେ । ସୁରଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କ 'ଏଇ ଜୀବନଟା ଏକ ନାଟକ' ଗୀତିଟି ଆମମାନଙ୍କୁ ସଂସାର ରୂପକ ରଙ୍ଗମଞ୍ଚରେ ନାୟକ ଭୂମିକାରେ ଅବତୀର୍ଣ୍ଣ କରାଏ । ଚିରସବୁଜ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ 'ସ୍ମୃତି ତୁମେ' ସୁରଝଙ୍କାରରେ ଶତ ଓଡ଼ିଆ ପ୍ରେମୀଙ୍କ ହୃଦରାଜ୍ୟରେ ସ୍ମୃତି ଶାମୁକା ହୋଇ ସାଇତା ରହିଛି । ଭିକାରୀ ବଳଙ୍କ 'କୋଠଭୋଗଖିଆ' ଭଜନ ଓ ସିକନ୍ଦର ଅଲାମଙ୍କ 'ଆରତ ଶୁଣ ବାର ମାଗେ ମାଗୁଣିରେ', ସୁରମଣି ରଘୁନାଥ ପାଣିଗ୍ରାହୀଙ୍କ 'ସବୁଥିରୁ ବଞ୍ଚିତ କରି'- ଏମିତି ଅନେକ କଣ୍ଠସଙ୍ଗୀତ ସଙ୍ଗୀତପ୍ରେମୀଙ୍କ ମନରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରାଏ । ଏମିତି ଅନେକ ଉଚ୍ଚକୋଟୀର ସଙ୍ଗୀତର ଚମତ୍କାରିତା ଯେତେ ବର୍ଣ୍ଣନା କଲେ ମଧ୍ୟ ସରିବନି । ଏହା ଅସରନ୍ତି ।

ସୁତରାଂ ଏ ଅବକ୍ଷୟମୁଖୀ ମାନବ ସମାଜର ସଙ୍ଗୀତ ଯେ ଆମ ଜୀବନଧାରାରେ ସାଂସ୍କୃତିକ ସାଥୀଟିଏ ହୋଇ ଆମ ସାଥିରେ ପାଦ ମିଳାଇ ଚାଲିଛି ଏବଂ ଆମେ ମଧ୍ୟ ତା' ହାତ ଧରି ଛୋଟପିଲା ଭଳି ତା' ସାଥିରେ ଚାଲିଛେ, ଏହା ନିଶ୍ଚିତ । ତେଣୁ ଆସନ୍ତୁ, ଆମେ ସମସ୍ତେ ଗୀତିକାର ହୋଇ ଭଲ ସଙ୍ଗୀତ ସୃଷ୍ଟି କରିବା । ଗାୟକ ହୋଇ ଆମ କଣ୍ଠରେ ତାହାର ମଧୁର ଧାରାକୁ ମନପ୍ରାଣ ଦେଇ ପରିପ୍ରକାଶ କରିବା । ତା' ସହିତ ଶ୍ରୋତା ସାଜି ଉତ୍ତମ ଗୀତ ଶୁଣି ଆଦର୍ଶ ଶ୍ରୋତା ହେବା । କାରଣ ବର୍ତ୍ତମାନର ବସ୍ତୁବାଦୀ ଯୁଗରେ ଭଲ ସଙ୍ଗୀତର ଆଦର୍ଶ ତଥା ଗୁଣମୁଗ୍ଧ ଶ୍ରୋତା ସତରେ ବିରଳ ଅଟନ୍ତି । ତେବେ ଆମେ ସମସ୍ତେ ମିଳିମିଶି ମାନବିକ ସମ୍ବେଦନାରେ ଭରା ହସ, ଲୁହ, ପ୍ରେମ, କାନ୍ଦ, ବିରହ, ମିଳନ, ବିଚ୍ଛେଦ, ଆନନ୍ଦ, ଭକ୍ତି, ସ୍ନେହ, ପ୍ରେମ, ଶ୍ରଦ୍ଧା ସମର୍ପଣ ସବୁକିଛିକୁ ପାଥେୟ କରି ଗୁନ୍ଥିଦେବା ସୁନ୍ଦର ଫୁଲମାଳଟିଏ ... । ଆଉ ଜୟଗାନ କରିବା ସ୍ରଷ୍ଟାଙ୍କର- ଏହି ଅଲୌକିକ ସୃଷ୍ଟିର- ସା, ରେ, ଗା, ମା, ପା, ଧା, ନି .... ପୁନଶ୍ଚ ଫେରି ଆସିବ । ସେହି ସାତଗୋଟି ସୁର, ସାତଟି ତରଙ୍ଗ, ସପ୍ତବିନ୍ଦୁ ଓ ସପ୍ତସିନ୍ଧୁ, ସାତଟି ରଙ୍ଗ, ସାତ ତାନ । ପରିଶେଷରେ ସର୍ବୋପରି ସାତସହସ୍ର ମନକୁ ନେଇ ମହାନ କରିଦେବା ଏହି ଅମୂଲ୍ୟ ସଂପଦକୁ । ଆଉ, ମିଳିମିଶି ଗାଇ ଉଠିବା, ''ସପ୍ତପାରାବାର ପାର ହେଲା ପରେ, ଲବ୍ଧ ସୁରବୀଣା ତାରର ସାତଗୋଟି ସୁର/ ସାତଗୋଟି ସୁରର ଅପୂର୍ବ ମୂର୍ଚ୍ଛନାରୁ, ସୃଷ୍ଟ ଅଗଣିତ ଭାବନାର ଅମୂଲ୍ୟ ସମ୍ଭାର ।'' ପ୍ରକୃତରେ ଏହା ହିଁ ହେଉଛି ଆମର ସଙ୍ଗୀତ । ଏହା କାଳଜୟୀ । ଏହି କାଳଜୟୀ ସଙ୍ଗୀତର ଜୟ ହେଉ ।